ପ୍ରମେୟ
THE PRAMEYA




Image View Comments Email Print SHARE

# ସାଢ଼େ ୯ ହଜାର ଲୋକଙ୍କୁ ଜଣେ ଡାକ୍ତର

ଭୁବନେଶ୍ୱର, ୧୦।୨(ବ୍ୟୁରୋ): ରାଜ୍ୟରେ ସାଢ଼େ ୯ ହଜାର ଲୋକଙ୍କୁ ଚିକିତ୍ସା ସେବା ଯୋଗାଇବାକୁ ମାତ୍ର ଜଣେ ଡାକ୍ତର ଅଛନ୍ତି। ଶିକ୍ଷା ଓ ଶିଶୁ ସୁରକ୍ଷାରେ ମଧ୍ୟ ସମାନ ଅବସ୍ଥା। ସରକାର ରାଜ୍ୟବାସୀଙ୍କୁ ମୌଳିକ ସେବା

## ୪ ହଜାର ସ୍କୁଲରେ ଜଣେ ଶିକ୍ଷକ

## ୩ ହଜାର ଅଙ୍ଗନବାଡ଼ିରେ କର୍ମୀ ନାହାନ୍ତି

ଯୋଗାଣରେ ଆଗୁଆ ବୋଲି ଦମ୍ଭର ସହ କହୁଥିଲା ବେଳେ ମାନବ ବିକାଶ ସୂଚକାଙ୍କରେ ରାଜ୍ୟ ପଛରେ ପଡ଼ିଛି ବୋଲି ସିଓ୍ୱାଇଏସ୍‌ଡି କରିଥିବା ପ୍ରାକ୍ ବଜେଟ ସର୍ବେକ୍ଷଣରୁ ଜଣାପଡ଼ିଛି। ଏ ରିପୋର୍ଟକୁ ସଂସ୍ଥା ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି।

ସର୍ବେକ୍ଷଣ ରିପୋର୍ଟ ଦର୍ଶାଇଛି, ରାଜ୍ୟରେ ଡାକ୍ତର-ଜନତା ଅନୁପାତ ୧:୯୬୯୯ ରହିଛି। ଅର୍ଥାତ ୯୬୯୯ ଜଣ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଦେବାକୁ ଜଣେ ମାତ୍ର ଡାକ୍ତର ଅଛନ୍ତି। ଜାତୀୟସ୍ତରରେ ୧୮୦୦ ଲୋକରେ କିନ୍ତୁ ଜଣେ ଡାକ୍ତର ଅଛନ୍ତି। ସେହିଭଳି ଶଯ୍ୟା ଓ ରୋଗୀ ଅନୁପାତ ୧:୧୦୦୦ ରହିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଧାର୍ଯ୍ୟ କରିଥିଲା ବେଳେ ଓଡ଼ିଶାରେ ଏହା ୧:୨୫୦୦ ରହିଛି। ଏବେ ରାଜ୍ୟର ସରକାରୀ ହସପିଟାଲରେ ଅଧିକ ୪ ହଜାର ଶଯ୍ୟାର ଆବଶ୍ୟକତା ରହିଛି। ତେବେ ୨୦୧୦-୧୧ ଆର୍ଥିକ ବର୍ଷରେ ଏ ବାବଦରେ ବ୍ୟୟ ବରାଦ ମାତ୍ର ୨ କୋଟି ରହିଛି। ସେହିଭଳି ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ୧୦୨ ଆମ୍ବୁଲାନସ୍ ପୂର୍ବରୁ ମେଡିକାଲ ଅଫିସରଙ୍କ ନିୟନ୍ତ୍ରଣରେ ଥିଲା ବେଳେ ଏବେ ଅଧିକୃତ ଏଜେନ୍ସୀ ନିୟନ୍ତ୍ରଣକୁ ଆସିଛି। ଫଳରେ ରୋଗୀ ସ୍ୱାସ୍ଥ୍ୟସେବା ପାଇଁ ଘରୋଇ ଆମ୍ବୁଲାନସ୍ ସେବା ଉପରେ ନିର୍ଭର କରୁଛନ୍ତି। ପ୍ରାଥମିକ ଶିକ୍ଷାରେ ମଧ୍ୟ ରାଜ୍ୟର ସ୍ଥିତି ଆହୁରି ବିପର୍ଯ୍ୟୟ ଅବସ୍ଥାରେ ଅଛି। ୬ ହଜାର ପ୍ରାଥମିକ ବିଦ୍ୟାଳୟ ଗୋଟିଏ ଶ୍ରେଣୀ କୋଠରୀରେ ଚାଲୁଥିଲା ବେଳେ ୩୭.୫% ଉଚ୍ଚପ୍ରାଥମିକ ବିଦ୍ୟାଳୟ ଗୋଟିଏ ଶ୍ରେଣୀ କୋଠରୀରେ ଚାଲୁଛି। ୪ ହଜାର ସ୍କୁଲ ମାତ୍ର ଜଣେ ଶିକ୍ଷକରେ ଚାଲୁଥିଲା ବେଳେ ୪୦% ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ୫୦ ରୁ କମ୍ ପିଲା ପଢୁଛନ୍ତି। ପ୍ରାକ୍ ବିଦ୍ୟାଳୟ ଶିକ୍ଷାଦାନ ପାଇଁ ଅଙ୍ଗନବାଡ଼ି କର୍ମୀଙ୍କୁ ତାଲିମ ଦିଆଯାଉ ନାହିଁ। ରାଜ୍ୟର ୨୯୦୬ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଅଙ୍ଗନବାଡ଼ି କର୍ମୀ ନଥିଲା ବେଳେ ୧୨ ହଜାର କେନ୍ଦ୍ର ଦୟନୀୟ ଭାବେ ଟିଣ ଛାତ ତଳେ ଚାଲୁଛି। ଏବେ ବି ୧୦ ହଜାର ପ୍ରାରମ୍ଭିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ନାହିଁ। ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ବାଳିକାମାନଙ୍କ ପାଇଁ କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ ଯୋଜନାରେ ୫୦% ଅର୍ଥ ବିନିଯୋଗ ହୋଇନାହିଁ। ସର୍ବେକ୍ଷଣ କହୁଛି, ବିଧବା ଭତ୍ତା ବା ୪୦% ଅକ୍ଷମ ଥିବା ଭିନ୍ନକ୍ଷମମାନେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ସ୍ୱତଃ ସାମିଲ ହେବା ନେଇ ଯୋଗ୍ୟତା ମାପକାଠି ନାହିଁ। ରାଜ୍ୟରେ ମାସିକ ମୁଣ୍ଡପିଛା ଖାଦ୍ୟଶସ୍ୟ ୧୨ରୁ ୧୪ କିଗ୍ରା ବ୍ୟବହାର ହେଉଥିଲା ବେଳେବଣ୍ଟନ ବ୍ୟବସ୍ଥାରେ ମାତ୍ର ୫ କିଗ୍ରାର ବ୍ୟବସ୍ଥା ରହିଛି।